# Akashvani, Sambalpur

## SAMBALPURI NEWS EVENING BULLETIN

## 15 july 2026-7.02- 7.12 pm.

---

୧- ଆଏବାକାଏଲ୍ ହେବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ।

- ଘଂଟଘଂଟା, କାହାଲି ସହେତେ ତିନ୍‌ହି ରଥ ନ ବିଜେ ହେଲା ଆଜ୍ଞାମାଳ- ସିଂହଦୁଆର ଆଗ୍‌କେ ଅନାଗଲା ତିନ୍‌ହି ରଥ ।

୨- ପୁରୀ ନ ଶ୍ରୀଜଗନ୍ନାଥ୍ ମନ୍ଦିର୍ ଡିଜିଟାଲ୍ ହୁଣ୍ଡି 'ସମର୍ପଣ୍' ୱେବ୍ ପୋର୍ଟାଲ୍ ଆଉ ମୋବାଇଲ୍ ଆପ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

୩- ଓଡ଼ିଶା ଆଉ ଝାର୍‌ଖଣ୍ଡ୍‌ର ୪ ଟା ଜିଲ୍ଲାକେ ଜୁଡୁଥିବା ୨ ଟା ରେଲ୍ ମଲ୍ଟିଟ୍ରାକିଂ ପ୍ରକଳ୍ପକେ କେନ୍ଦ୍ର କେବିନେଟ୍‌ର ଅନୁମୋଦନ୍ ।

ଆଉର୍

୪- ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲାଗି ରହିଛେ ବର୍ଷା ।

ରଥଯାତ୍ରା ପୁରୀ ସମ୍ବାଦଦାତା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଆଏବା କାଏଲ୍ ହେବା । ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ୍ ଲାଗି ଶ୍ରୀକ୍ଷେତ୍ର ନ ଆଏଜ୍‌ଠାନୁ ଭକ୍ତମାନ୍‌କର୍ ଭିଡ୍ ଜମ୍‌ଲାନ । ରଥ ଘିଚା କାମ୍ ଆଉ ଆନୁସଙ୍ଗିକ୍ ରୀତିନୀତିକେ ଶୃଙ୍ଖଲିତ୍ ଭାବେ କର୍‌ବାର୍ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ଆଏଜ୍ ପରମ୍ପରା ଅନ୍‌ସାରେ ସକାଳ ଧୂପ ନୀତି ସର୍‌ବାର୍ ଉତ୍‌ରୁ ଘଂଟଘଂଟା, କାହାଳି ସହେତେ ରଥଖଳାକେ ଆଜ୍ଞାମାଳ ବିଜେ ହେଇଥିବାର୍ ବେଲେ ତିନ୍‌ହି ରଥ ଘିଚାଯାଇକରି ସିଂହଦୁଆର୍ ଆଗ୍‌ଆଡ୍‌କେ ଅନାଯାଇଛେ । ଆଏବା କାଏଲ୍ ଶ୍ରୀଗୁଣ୍ଡିଚା ଯାତ୍ରାକେ ନଜର୍‌ଥି ରଖିକରି ମାହାପୁରୁମାନ୍‌କର୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରଖାଯାଇଛେ । ମାହାପୁରୁମାନ୍‌କର୍ ପହଣ୍ଡି ନୁ ନେଇକରି ରଥଘିଚା ତକ୍ ସବୁ ନୀତିକାନ୍ତି ନିୟମ୍ ଅନ୍‌ସାରେ

କରାଯିବାର୍‌କେ ଲକ୍ଷ୍ୟ ରଖାଯାଇଛେ । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଆଏବା କାଲିର୍ ଲାଗି ନୀତିନିର୍ଘଂଟ ତାଲିକାକେ ଚୂଡ଼ାନ୍ତ କରାଯାଇଛେ । ସଖାଲର୍ ୯ ବଜେ ରଥ ପ୍ରତିଷ୍ଠା, ସାଢ଼େ ୯ ନୁ ସାଢ଼େ ୧୨ ବଜେତକ୍ ପହଣ୍ଡି, ଦୁଇପହରର୍ ୨ ନୁ ୩ ବଜେ ଭିତ୍‌ରେ ଛେରାପହଁରା ଉତ୍‌ରୁ ଉପର୍‌ବେଲା ୪ ବଜେନୁ ରଥଘିଚା ମୁଲ୍ ହେବା ।

ସେଆଡ଼େ ରଥଯାତ୍ରାକେ ସୁରକ୍ଷିତ୍ ଭାବେ କର୍‌ବାର୍ ଲାଗି ପୁରୀ ନ ବ୍ୟାପକ୍ ପୁଲିସ୍ ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ । ଭିଡ୍ ନିୟନ୍ତ୍ରଣ୍ ଆଉ ସୁରକ୍ଷା ଲାଗି ୧୩ ହଜାର୍‌ନୁ ଅଏତ୍‌କା ସୁରକ୍ଷା କର୍ମୀ ସହର୍ ନ ନିୟୋଜିତ୍ ହେଇଛନ୍ । ଜଲ୍, ସ୍ଥଲ୍ ଆଉ ଆକାଶ୍‌ମାର୍ଗ ନ କଡ଼ା ନଜର୍ ରଖାଯିବା । ରଥଯାତ୍ରାକେ ଆସୁଥିବା ଭକ୍ତ ଆଉ ଶ୍ରଦ୍ଧାଳୁମାନ୍‌କର୍ ସୁରକ୍ଷା ଆଉ ସୁବିଧା ଲାଗି ସବୁ ପ୍ରକାର୍‌ର ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ ବଲି ପୁରୀ ଜିଲ୍ଲାପାଲ୍ ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍- ଜିଲ୍ଲାପାଲ୍)

ଶ୍ରୀଜଗନ୍ନାଥ୍ ମନ୍ଦିର୍ ଡିଜିଟାଲ୍ ହୁଣ୍ଡି ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର୍ ପ୍ରଶାସନ୍ କାର୍ଯ୍ୟାଳୟ ନ ଶ୍ରୀଜଗନ୍ନାଥ୍ ମନ୍ଦିର୍ ଡିଜିଟାଲ୍ ହୁଣ୍ଡି 'ସମର୍ପଣ୍' ୱେବ୍ ପୋର୍ଟାଲ୍ ଆଉ ମୋବାଇଲ୍ ଆପ୍‌ର ଶୁଭାରମ୍ଭ କରିଛନ୍ । ଇ ନୂଆଁ ବ୍ୟବସ୍ଥା ଜରିଏ ଦେଶ୍ ବିଦେଶ୍‌ର ଭକ୍ତମାନେ ଅତି ସହଜ୍ ଆଉ ସୁରକ୍ଷିତ୍ ଭାବେ ଅନ୍‌ଲାଇନ୍‌ଥି ଦାନ୍ ଦେଇପାର୍‌ବେ । ଇ ଦାନ୍ ପ୍ରକ୍ରିୟାଥି ସ୍ୱଚ୍ଛତା ଆନ୍‌ବାର୍ ସହେତେ ଭକ୍ତମାନ୍‌କର୍ ଲାଗି ଇଟା ଅଏତ୍‌କା ସୁବିଧାଜନକ୍ ହେବା ବଲି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍ ।

ବସ୍ ଭଡ଼ା      ହି.ସ.

ରଥଯାତ୍ରାଥି ଯାତ୍ରୀମାନ୍‌କର୍ ଯିବାର୍ ଆସ୍‌ବାର୍ ସୁବିଧାକେ ନଜର୍‌ଥି ରଖିକରି ସବୁ ବସ୍‌ଥି ଭଡ଼ା ତାଲିକା ଲଗାଯିବା ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ତାଲିକାଥି ଦର୍ଶାଯାଉଥିବା ଭଡ଼ା ନୁ ଅଏତ୍‌କା ନଉଥିଲେ ସମ୍ପୃକ୍ତ ଲୁକ୍‌କର୍

ବିରୋଧିଥି କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଇତାର୍ସହେତେ ଷ୍ଟାଲିନ୍ ଛକ, ମାଲତୀପାଟପୁର୍ ଆଉ ତାଳବଣିଆନୁ ଆସୁଥିବା ଯାତ୍ରୀମାନ୍କର୍ନୁ କେନ୍ସି ପ୍ରକାରର୍ ଦେୟ ନିଆ ନାଇଁ ଯାଏ ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

କେନ୍ଦ୍ର କେବିନେଟ          ଏନ୍ଏସ୍ଡି

ଓଡ଼ିଶା ଆଉ ଝାର୍ଖଣ୍ଡ୍ର ୪ ଟା ଜିଲ୍ଲାକେ ଜୁଡୁଥିବା ୨ ଟା ରେଲ୍ ମଲ୍ଟିଟ୍ରାକିଂ ପ୍ରକଳ୍ପକେ ଆଏଜ୍ କେନ୍ଦ୍ର କେବିନେଟ୍ ଅନୁମୋଦନ୍ କରିଛେ । ଇଥିର୍ଲାଗି ଭାରତୀୟ ରେଲ୍ ନେଟ୍ୱର୍କ ପାଖାପାଖି ଶହେ ୪୫ କିଲୋମିଟର୍ ବଢ଼ିଯିବା । ଇ ବାବ୍ଦେ ରେଲ୍ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ସୂଚ୍ନା ଦେଇକରି କହିଛନ୍,

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍ )

ଇ ଦୁହି ପ୍ରକଳ୍ପଥି ଓଡ଼ିଶାର୍ ପାରାଦ୍ୱୀପ୍-ହରିଦାସ୍ପୁର୍ ଦୋହରିକରଣ୍, ଆଉ ଝାର୍ଖଣ୍ଡ୍ର ରାଜ୍ଖର୍ସୁଆଁ - ଡାଙ୍ଗପୋଷିକେ ୪ ଲାଇନ୍ କରାଯିବାର୍ ପ୍ରକଳ୍ପ ସାମିଲ୍ ଅଛେ । ଇ ଦୁହି ପ୍ରକଳ୍ପ ଲାଗି ମୋଟ୍ ୩ ହଜାର୍ ୯ ଶହ ୭

କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି ଧାରିଜ୍ କରାଯାଇଛେ ଆଉ ୨୦୩୦-୩୧ ମସିହାତକ୍ ଇ ପ୍ରକଳ୍ପକାମ୍ ଶେଷ୍ କରାଯିବାର୍ ଲକ୍ଷ୍ୟ ରଖାଯାଇଛେ । ଇ ପ୍ରକଳ୍ପ ଜରିଏ ପୂର୍ବ ଭାରତ୍‌ର ପଣ୍ୟ ପରିବହନ୍ କ୍ଷମତା ବଢ଼୍‌ବାର୍ ସହେତେ ଯାତ୍ରୀସେବା ଭିଲ୍ ଅଏତ୍‌କା ତୁର୍‌ତି ଆଉ ସୁଗମ୍ ହେବା ବଲି ରେଲ୍ ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ ।

ପାଠ୍ୟପୁସ୍ତକ ତ୍ରୁଟି ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ୧ ନୁ ୮ ଶ୍ରେଣୀ ବିଦ୍ୟାଲୟ ପାଠ୍‌ପଢ଼ା ବହିଥି ଥିବା ଭୁଲ୍ ମାମ୍‌ଲାଥି ଆଏଜ୍ ରାଜ୍ୟ ଶିକ୍ଷକ୍ ଶିକ୍ଷା ନିର୍ଦ୍ଦେଶାଳୟ ଆଉ ଶିକ୍ଷା ଗବେଷଣା ପ୍ରଶିକ୍ଷଣ୍ ପରିଷଦ୍-ଏସ୍.ସି.ଇ.ଆର୍.ଟି. ନ କ୍ରାଇମ୍‌ବ୍ରାଂଚ୍ ତର୍‌ଫୁ ତଦନ୍ତ୍ ଚାଲିଛେ । ଗଲାକାଏଲ୍ ଏସ୍.ସି.ଇ.ଆର୍.ଟି. ର ଆଘର୍ ନିର୍ଦ୍ଦେଶକ୍ ମନୋଜ୍ ପାଢ଼ୀଙ୍କୁ କ୍ରାଇମ୍‌ବ୍ରାଂଚ୍ ତର୍‌ଫୁ ଗିରଫ୍ କରାଯାଇଥିଲା । ଆଘୋନୁ ଇ ଘଟ୍‌ନାଥି ୩ ଝନ୍ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବନ୍ ଆଉ ୬ ଝନ୍ ସହକାରୀ ନିର୍ଦ୍ଦେଶକଙ୍କର୍ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ୍

ନିଆଯାଇଛେ । ଗଲା କିଛି ଦିନ୍ ତଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପଢ଼ାବହିଥି ଭୁଲ୍ ବାବଦ୍ ପୁରା ପ୍ରକ୍ରିୟାର ଅପରାଧୀକ୍ ତଦନ୍ତ୍ ମୁଲ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଥିଲେ ।

ବୌଦ୍ଧ ସଂସ୍କୃତିର୍ ସଂରକ୍ଷଣ-ବୁଝାମଣା ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶାର୍ ସମୃଦ୍ଧ ବୌଦ୍ଧ ସଂସ୍କୃତିର୍ ସଂରକ୍ଷଣ୍ ଆଉ ପ୍ରଚାର୍ ପ୍ରସାର୍ ଲାଗି ଆଏଜ୍ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ଠାନେ ପର୍ଯ୍ୟଟନ୍ ବିଭାଗ୍ ଆଉ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଜିରାଙ୍ଗ୍ ନ ଥିବା ଗୁରୁ ପଦ୍ମସମ୍ଭବ ବୌଦ୍ଧ ମହାବିହାର୍ ସହେତେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ବୌଦ୍ଧ ମହାବିହାର୍‌ର ସଭାପତି ଙ୍କର୍ ଉପସ୍ଥିତିଥି ଇ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ଇତାର୍ ସହଯୋଗ୍‌ଥି ସାରା ପୁର୍‌ଥିର୍ ପର୍ଯ୍ୟଟକ୍‌ମାନ୍‌କୁ ପ୍ରକୃତ୍ ଆଧ୍ୟାତ୍ମିକ୍ ଅନୁଭୂତି ମିଲ୍‌ବାର୍

ସହେତେ ଓଡ଼ିଶାକେ ବୌଦ୍ଧ ତୀର୍ଥଯାତ୍ରାର୍ ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଲ୍ କରାଯାଇପାର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ବିଶ୍ୱ ଯୁବକୌଶଲ୍ ଦିବସ ଆର୍‌ଏନ୍‌ୟୁ / ସମ୍ବଲପୁର

ଯୁବପିଢ଼ିଙ୍କୁ ନିଯୁକ୍ତି ଆଉ ଉଦ୍ୟୋଗୀ କର୍‌ବାର୍ ଲାଗି ସଶକ୍ତ କର୍‌ବାର୍ ଲକ୍ଷ୍ୟ ନେଇକରି ଫିଁ’ ବଛର୍ ଆଝିର୍ ଦିନେ ବିଶ୍ୱ ଯୁବଦକ୍ଷତା ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବିଷୟବସ୍ତୁ ରହିଛେ ‘କୃତ୍ରିମ ବୁଦ୍ଧିମତା ଆଉ ଡିଜିଟାଲ୍ ଦକ୍ଷତା ଜରିଏ ଯୁବ ସଶକ୍ତିକରଣ୍’ । ୨୦୧୪ ମସିହାଥି ଜାତିସଂଘ ସାଧାରଣ୍ ପରିଷଦ୍ ଇ ଦିବସ୍ ପାଲନ୍ ଲାଗି ଘୋଷ୍‌ନା କରିଥିଲା । ତାର୍ ଉତ୍‌ରୁ ୨୦୧୫ ମସିହାନୁ ସାରା ପୁର୍‌ଥି ନ ଇ ଦିବସ୍ ପାଲନ୍ କରାଯାଉଛେ । ବଦ୍‌ଲୁଥିବା ଡିଜିଟାଲ୍ ପୁର୍‌ଥି ନ ଯୁବପିଢ଼ିଙ୍କୁ କୃତ୍ରିମ ବୁଦ୍ଧିମତା, ଡିଜିଟାଲ ପ୍ରଯୁକ୍ତିବିଦ୍ୟା, ନବସୃଜନ ଆଉ ବୈଷୟିକ ଦକ୍ଷତାଥି ପାରଙ୍ଗମ କରିକରି ଭବିଷ୍ୟତ୍ ରୋଜ୍‌ଗାର୍ ସୁଯୋଗ୍ ସୃଷ୍ଟି

ଲାଗି ପଥପ୍ରଶସ୍ତ କର୍‌ବାର୍ ଉପ୍‌ରେ ଇ ବଛର୍ ଖାସ୍ ଜୋର୍ ଦିଆଯାଇଛେ ।

ଯୁବ ଦକ୍ଷତା ଦିବସ ଆଇ.ଆଣ୍ଡ୍.ପି.ଆର୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ନ ରାଜ୍ୟ ସର୍‌କାର୍‌ଙ୍କର୍ ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍ ତର୍‌ଫୁ ଇ ଦିବସ୍ ଅବ୍‌ସରେ ଗୁଟେ ଖାସ୍ ଗଣଦୌଡ଼ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଶିଳ୍ପ, ଦକ୍ଷତା ବିକାଶ ଆଉ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା, କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଶୁଭାରମ୍ଭ କରିଥିଲେ । ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍, ଯୁବଶକ୍ତି ହେଉଛନ୍, ରାଜ୍ୟର୍ ପ୍ରକୃତ୍ ସମ୍ପଦ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନେତୃତ୍ୱଥି ରାଏଜେ ଦକ୍ଷତା ବିକାଶ୍ ଭିତିଭୂମିକେ ଅଏତ୍‌କା ବର୍‌କସ୍ କରାଯିବାର୍ ସହେତେ ଯୁବବର୍ଗଙ୍କୁ ଦକ୍ଷ, ସଶକ୍ତ ଆଉ ଆତ୍ମନିର୍ଭର୍ ବନାବାର୍ ଲାଗି ଚେଷ୍ଟା ଜାରି ରହିଛେ ।

ଯୁବପିଢ଼ି ମାନ୍‌କର୍ ଉନ୍ନତ୍ କାର୍ଯ୍ୟଦକ୍ଷତା, ଶାରୀରିକ୍ ସୁସ୍ଥତା ଆଉ ସୃଜନଶୀଳ ଚିନ୍ତାଧାରା ଆଏବା ଦିନେ ଗୁଟେ ସମୃଦ୍ଧ ଆଉ ବିକଶିତ୍ ଓଡ଼ିଶାର୍ ଭିତିଭୂମି ଥାପ୍‌ନା କର୍‌ବା ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ । ଉପର୍‌ବେଲା ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ଇ ଦିବସ୍ ଅବ୍‌ସରେ ରାଜ୍ୟସ୍ତରୀୟ ସମାରୋହର୍ ଆୟୋଜନ୍ କରାଯାଇଛେ ।

ଜନଗଣନା ହେଣ୍ଡବୁକ-ତାଲିମ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଆଏବା ଜନଗଣନା ୨୦୨୭ ଲାଗି ଜିଲ୍ଲାସ୍ତରୀୟ ଜନଗଣନା ହେଣ୍ଡବୁକ୍ ପ୍ରସ୍ତୁତି ଲାଗି ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଅତିରିକ୍ତ ଜିଲ୍ଲାପାଲ୍ ଏଞ୍ଜେଲିନା ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ୨ ଦିନିଆ କ୍ଷେତ୍ରସ୍ତରୀୟ କର୍ମଚାରୀ ପ୍ରଶିକ୍ଷଣ୍ ଶିବିର୍ ହେଇଯାଇଛେ । ଜନଗଣନା ନିର୍ଦ୍ଦେଶାଳୟର୍ ଯୁଗ୍ମ ନିର୍ଦ୍ଦେଶକ୍ ଡକ୍ଟର୍ ଅଭୟ ନାରାୟଣ୍ ନାୟକ୍ ଆଉ ଜିଲ୍ଲା ସଂଯୋଜକ୍ ଶିଭମ୍ ଜୟଶ୍ୱାଲ୍ ପ୍ରମୁଖ ତହସିଲ୍‌ଦାର୍, ଆର୍.ଆଇ., ଅମିନ୍, ପୌର ପରିଷଦ୍ ଆଉ ମ୍ୟୁନିସିପାଲ୍‌ଟିର

ଅଧିକାରୀମାନ୍‌କର୍ ସହେତେ ଶହେ ୨୦ ଝନ୍ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ୍ ଦେଇଥିଲେ । ଆଏବା କାଏଲ୍‌ଠାନୁ ଅଗଷ୍ଟ ୧୫ ତକ୍ ହେବାର୍‌କେ ଥିବା ସାରା ଜିଲ୍ଲା ନ ସର୍ଭେ ଲାଗି ଫି' ଗାଁ ବସ୍ତି ଆଉ ସହରାଂଚଲ୍‌ର ସାମାଜିକ୍, ଆର୍ଥିକ୍, ପାନୀୟ ଜଳ ଆଉ ମୌଳିକ୍ ସୁବିଧା ବାବଦ୍ ତଥ୍ୟ କେନ୍ତାକରି ଡିଜିଟାଲ୍ ଜରିଏ ସଂଗ୍ରହ କରାଯିବା, ସେ ବାବ୍‌ଦେ ତାଲିମ୍ ଦିଆଯାଇଥିଲା ।

କୃଷି ଯନ୍ତ୍ରପାତି ବେଭାର୍        ନୂଆପଡ଼ା ସମ୍ବାଦଦାତା

ଉତ୍ପାଦନ୍ ବଢ଼ାବାର୍ ଲକ୍ଷ୍ୟଥି ନୂଆପଡ଼ା ଜିଲ୍ଲା ନ କେନ୍ଦ୍ର ସର୍‌କାର୍‌ଙ୍କର୍ ଖାସ୍ ପାଇଲଟ୍ ପ୍ରକଳ୍ପ ଜରିଏ କୃଷି ଯନ୍ତ୍ରପାତିର୍ ବେଭାର୍ ଉପ୍‌ରେ ଜୋର୍ ଦିଆଯାଉଛେ । ପ୍ରାକୃତିକ୍ ବିପର୍ଯ୍ୟୟ ପରିଚାଲନା ପ୍ରକଳ୍ପ ଦେଶର୍ ୧୨ ଟା ରାଏଜେ କାମ୍ କରୁଥିବାର୍ ବେଲେ ଓଡ଼ିଶା ନ ଇଟା ସୁନ୍ଦର୍‌ଗଡ଼୍, ନୂଆପଡ଼ା, କେନ୍ଦୁଝର୍, ନବରଙ୍ଗ୍‌ପୁର୍, କୋରାପୁଟ୍ ଜିଲ୍ଲା ନ କାର୍ଯ୍ୟକାରୀ ହେଉଛେ । ଡିପ୍ ଜମିନ୍‌ଥି ୯ ଧାଡ଼ିଆ ଧାଡ଼ି ବୁନା ଯନ୍ତ୍ର ଆଉ

ହୁଡ଼ା ମଞ୍ଜି ବୁନା ଯାନ୍ତ୍ରିକିକରଣ୍ କର୍‌ବାର୍‌କେ ଚାଷୀମାନ୍‌କୁ ଆହ୍ୱାନ୍ ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗି କରି ଥିବା ଦକ୍ଷିଣ ବାଂଲାଦେଶ୍ ଉପ୍‌ରେ ହେଇଥିବା ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ଆଏଜ୍ ଉତର୍ ଓଡ଼ିଶା- ପଶ୍ଚିମବଙ୍ଗ ସମୁଦ୍ରଖଁଡ଼ି ପାଖାପାଖି ଉତର୍- ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ହେଇଛେ । ଇଟା ସମୁଦ୍ରପତନ୍‌ନୁ ୭ ଦଶ୍‌ମିକ୍ ୬ କିଲୋମିଟର୍‌ତକ୍ ଲମ୍ବିଛେ । ଆଏବା ୨ ଦିନ୍ ଭିତ୍‌ରେ ଉତର୍ ଓଡ଼ିଶା ଆଉ ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇକରି ପଶ୍ଚିମ- ଉତର ପଶ୍ଚିମ ଦିଗ୍‌କେ ଯିବାର୍ ସମ୍ଭାବନା ଅଛେ । ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲଗାଏତ୍ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ଜିଲ୍ଲାମାନ୍‌କର୍ ସହେତେ ୧୨ ଟା ଜିଲ୍ଲା ନ ଅତି ଜବର୍ ବର୍ଷା

ହେବା ବଲି ସତର୍କ କରାଯାଇଛେ । ସେଆଡ଼େ ପୁରୀ ଆଉ ଜଗତ୍‌ସିଂହପୁର୍ ଜିଲ୍ଲା ନ ଜବର୍‌ନୁ ଅତି ଜବର୍ ବର୍ଷା ହେବା ବଲି କେନ୍ଦ୍ର ତର୍‌ଫୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛେ ।